ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରାଜ୍ୟରେ ଲିଭର ପ୍ରତିରୋପଣ ନିମନ୍ତେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ତା. ୧୨/୦୨/୨୦୨୦

ଦେଶରେ ପ୍ରତିବର୍ଷ ଅନେକ ଶିଶୁ ଗୁରୁତର ଭାବେ ଲିଭରଜନିତ ରୋଗରେ ପୀଡ଼ିତ ହୋଇ ଲିଭର ପ୍ରତିରୋପଣ ଆବଶ୍ୟକ କରୁଥିବାବେଳେ ଏହା ସମ୍ଭବ ହୋଇପାରୁନାହିଁ । ବିଳମ୍ୱରେ ରୋଗ ଚିହ୍ନଟ ଓ ଅତ୍ୟଧିକ ଚିକିତ୍ସାଜନିତ ବ୍ୟୟ ଏ କ୍ଷେତ୍ରରେ ମୁଖ୍ୟ ପ୍ରତିବନ୍ଧକ ସାଜୁଛି । ଫଳରେ ପ୍ରତିବର୍ଷ ଅନେକ ଶିଶୁ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି ।

ରାଜ୍ୟରେ ପ୍ରତିବର୍ଷ ବହୁସଂଖ୍ୟକ ଶିଶୁ ଗୁରୁତର ଲିଭର ସମସ୍ୟାର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ ସମସ୍ତଙ୍କ କ୍ଷେତ୍ରରେ ଆବଶ୍ୟକ ଅଙ୍ଗଦାତା ନମିଳିବା ଓ ଭିତ୍ତିଭୂମିର ଅଭାବ ଏକ ମୁଖ୍ୟ କାରଣ ଓ ବ୍ୟୟବହୁଳ ଚିକିତ୍ସା ଖର୍ଚ୍ଚ ତୁଲାଇବା ସମ୍ଭବ ହୋଇପାରୁନଥିବା ପରିପ୍ରେକ୍ଷୀରେ ବେଙ୍ଗାଲୁରୁସ୍ଥିତ ଆସ୍ତର ଲିଭର କେୟାର ଗ୍ରୁପ୍ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ ନିମନ୍ତେ ପ୍ରସ୍ତାବ ଦେଇଛି । ଏ ନେଇ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରି ଧଳଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ଆସ୍ତର ଲିଭର କେୟାର ଗ୍ରୁପ୍ ତରଫରୁ ଡା. ସୋନାଲ୍ ଆସ୍ଥାନା ଯୋଗଦେଇ ଏହି ସମସ୍ୟାର ନିରାକରଣ ସଂପର୍କରେ ବିଭିନ୍ନ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦେଇଥିଲେ । ଲିଭର ପ୍ରତିରୋପଣ ନିମନ୍ତେ ଆନୁମାନିକ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ରାଜ୍ୟ ସରକାର ପ୍ରଚଳିତ ଯୋଜନା ମୁତାବକ ପ୍ରତି ରୋଗୀ ପିଛା ୭ ଲକ୍ଷ ୫୦ ହଜାର ଟଙ୍କା ଦେବା ପାଇଁ ସଂପୃକ୍ତ ସଂସ୍ଥା ତରଫରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା ।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଲିଭର ପ୍ରତିରୋପଣକୁ ଏକ ମିଶନ ଭାବେ ଗ୍ରହଣ କରିଛନ୍ତି । ଏ ସଂପର୍କରେ ଜନସଚେତନତା ସୃଷ୍ଟି, ପାଣ୍ଠି ଯୋଗାଡ଼, ସହଯୋଗକାରୀ ସଂସ୍ଥାଗୁଡ଼ିକ ସହ ସଂପର୍କ ସ୍ଥାପନ ଓ ସରକାରଙ୍କ ସହାୟତା ମାଧ୍ୟମରେ ଏହି ଅଭିନବ ମିଶନକୁ କିପରି ଆଗେଇ ନେବାକୁ ହେବ ସେ ଦିଗରେ ବୈଠକରେ ବିଶଦ ଭାବରେ ଆଲୋଚନା ହୋଇଥିଲା ।

ରାଜ୍ୟରେ ଲିଭର ପ୍ରତିରୋପଣ ନିମନ୍ତେ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ଆବଶ୍ୟକୀୟ ଉଚ୍ଚତର ତାଲିମ ଓ ଭିତ୍ତିଭୂମିର ଉନ୍ନତି ନିମନ୍ତେ ବୈଠକରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ଦିନରେ ପ୍ରତିରୋପଣ ସଂକ୍ରାନ୍ତରେ ପ୍ରାଥମିକ ସ୍ତରରେ ବିଭିନ୍ନ ସ୍ଥାନରେ ରୋଗନିରୁପଣ କରି ରୋଗୀ ଚିହ୍ନଟ କରିବା ସହ ଆବଶ୍ୟକ ସ୍ଥଳେ ଲିଭର ପ୍ରତିରୋପଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ । ପ୍ରତିରୋପଣ ପରବର୍ତ୍ତୀ ସମୟରେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପାଇଁ ମଧ୍ୟ ତାଲିମ ପ୍ରଦାନ କରାଯିବ । ଫଳରେ ରୋଗୀମାନେ ଉପକୃତ ହୋଇପାରିବେ ଓ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ସହ ସରକାରଙ୍କ ଆଭିମୁଖ୍ୟ ଓ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

ଏହି ଅବସରରେ ଭୁବନେଶ୍ୱର ଆୟୁର୍ବିଜ୍ଞାନ ସଂସ୍ଥାର ଡା. ମାଧବାନନ୍ଦ କର, ଡିଏମ୍‌ଇଟି ପ୍ରଫେସରଡାକ୍ତର ସି.ବି.କେ. ମହାନ୍ତି, ଏସ୍‌ସିବି ମେଡିକାଲ୍ କଲେଜର ଅଧ୍ୟକ୍ଷ, ଅଧୀକ୍ଷକ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀ ଅଶୋକ କୁମାର ନାୟକ, ଯୁଗ୍ମ ସଚିବ ଗୁହା ପୁନମ୍ ତାପସ୍ କୁମାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ବିଭୂତି ନାୟକ
ସୂଚନା ଅଧିକାରୀ